# ୧୨୦ ଦାନ୍ତ, ୧୭୮ ଆଖି ରୋଗୀଙ୍କ ପରୀକ୍ଷା



ଚନ୍ଦକା,୨୬।୧୧(ଆ.ପ୍ର.): ଶିଖରଚଣ୍ଡୀ ନଗର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ମାଗଣା ଦନ୍ତ ଓ ଆଖି ଚିକିତ୍ସା ଶିବିରରେ ୧୨୦ଜଣ ଦନ୍ତ ରୋଗୀ, ୧୭୮ଜଣଙ୍କ ଆଖି ପରୀକ୍ଷା ପରେ ସମସ୍ତଙ୍କୁ କଳିଙ୍ଗ କୁସୁମ ସାମାଜିକ ସଂଗଠନ ତରଫରୁ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା। ସମ ହସ୍ପିଟାଲ, କିମସ ମେଡିକାଲ, କଳିଙ୍ଗ କୁସୁମ ଫାଉଣ୍ଡେସନ ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ଶିବିରରେଏସଓଏ ୟୁନିଭରସିଟିର ଦନ୍ତ ଚିକିତ୍ସକ ଡକ୍ଟର ସୁଦୀପ୍ତ ସାହୁ, ଡାକ୍ତର ଶଶୀକାନ୍ତ ସେଠୀ ଡକ୍ଟର ଦେବଶ୍ରୁତି ନାୟକ, ଡକ୍ଟର ବୈରାଗୀ ଚରଣ ମେକାପଙ୍କ ସମେତ ୧୨ଜଣ ଅଭିଜ୍ଞ ଡାକ୍ତର ଶିବିରରେ ଯୋଗଦାନ କରିଥିଲେ। କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ତରଫରୁ ଡାକ୍ତର ସ୍ନେହଲତା ଦାସ, ଡକ୍ଟର ଯଶୋଜି ବୈଷ୍ଣିକା, ଡାକ୍ତର ପ୍ରତିମା ଦାସ, ମଣ୍ଟୁ ମଲ୍ଲିକ, ଶିଖରଚଣ୍ଡୀ ନଗର ବିଜୁ ସେନାର ସମସ୍ତ କାର୍ଯ୍ୟକାରୀ ସଦସ୍ୟବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସେକ୍ରେଟାରୀ ସୁଜିତ କୁମାର, ଯୁବ ସଂଗଠକ ମିହିର ରାଉତ, ବିଜେଡିର ପୂର୍ବତନ ଜିଲ୍ଲାସଭାପତି ପ୍ରକାଶ ବସ୍ତିଆ, ୧ ନମ୍ବର ୱାର୍ଡର କର୍ପୋରେଟର ମମତା ରାଉତ, ୨ ନମ୍ବର ୱାର୍ଡର କର୍ପୋରେଟର ହରିଶ ମୁର୍ମୁ ଯୋଗଦେଇଥିଲେ। ଆସନ୍ତା ରବିବାର ୧୨୦ ଜଣଙ୍କୁ ଚକ୍ଷୁ ରୋଗୀଙ୍କ ପୁନର୍ବାର ପରୀକ୍ଷା ହେବା ସହ ଚଷମା ବଣ୍ଟନ କରାଯିବ ବୋଲି ଶିଖରଚଣ୍ଡୀ ନଗର ବିଜୁ ସେନା ପକ୍ଷରୁ କୁହାଯାଇଛି।